بِسۡمِ اللّٰہِ الرَّحۡمٰنِ الرَّحِیۡمِ

**୨୬ ଜୁଲାଇ ୨୦୨୪ ଖୁତ୍‌ବା ଜୁମାର ସାରାଂଶ**
**ସ୍ଥାନ – ହଦିକତୁଲ୍ ମେହ୍‌ଦୀ ଜଲସାସ୍ଥଳୀ, ଇଂଲଣ୍ଡ**

ବାର୍ଷିକ ଧର୍ମସମ୍ମିଳନୀର କର୍ମୀ ଏବଂ ଅତିଥିବୃନ୍ଦଙ୍କୁ ପ୍ରିୟ ହୁଜୁର ଅନୱ୍ୱର ଅ.ବଙ୍କର ବହୁମୂଲ୍ୟ ଉପଦେଶ ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍‌ହ୍‌ଦହୁ ଲାଶରିକା ଲହୁ ୱ୍ଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱ୍‌ରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ୍ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱ୍‌ଲଜ୍ୱାଲ୍‌ଲିନ୍ ।

**ତଶହୁଦ୍, ତଉଜ୍ ଓ ସୁରାଃ ଫାତିହା ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱ୍ୱରଅ.ବ କହିଲେ; ଅଲ୍ଲାଃତାଲାଙ୍କ** କୃପାରୁ ଆଜି ଇଂଲଣ୍ଡର ବାର୍ଷିକ ଧର୍ମସମ୍ମିଳନୀ ଆରମ୍ଭ ହେଉଅଛି ଏବଂ ସହସ୍ର ଲୋକେ ଏଠାକୁ ଧାର୍ମିକ ଓ ଆଧ୍ୟାତ୍ମିକ ପରିବେଶରୁ ଉପକୃତ ହେବା ପାଇଁ ଆସିଛନ୍ତି । ଏହି ଦିନମାନଙ୍କରେ ଏଠାରେ ଅର୍ଥାତ ହଦିକତୁଲ୍ ମେହ୍‌ଦୀରେ ଏକ ଅସ୍ଥାୟୀ ସହର ଗଢ଼ି ଉଠିଥାଏ ଯଦ୍ଦ୍ୱାରା ଏହି ପବିତ୍ର ପରିବେଶରେ ରହି ଆମେ ସାଂସାରିକ ଜଞ୍ଜାଳରୁ ମୁକ୍ତ ହୋଇ ନିଜ ନିଜ ଆଧ୍ୟାତ୍ମିକ ଓ ଚାରିତ୍ରିକ ଅବସ୍ଥାକୁ ଉନ୍ନତ କରିବା ପାଇଁ ପ୍ରୟାସ କରିବା । ସୁତରାଂ ଏପରି ଅବସ୍ଥାରେ ଆଗମନକାରୀଙ୍କୁ କୌଣସି ପ୍ରକାରର ସୁବିଧା ଉପଲବ୍ଧ ହେବା ଠାରୁ ବଳୀ ଅଧିକ ଚିନ୍ତା ଏହା କରିବା ଉଚିତ୍ ଯେ, **କିପରି ଆମେ ଏହି (ପୂର୍ଣ୍ଣ ଆଧ୍ୟାତ୍ମିକ) ପରିବେଶରୁ ଉପକୃତ ହୋଇପାରିବା ।** କିନ୍ତୁ ସେ ଯାହା ହେଉ ମନୁଷ୍ୟ ସହିତ ସାଂସାରିକ ଆଶା ଅଭିଳାଷ ପୂରଣ କରିବା ଓ ଆବଶ୍ୟକତା ଲାଗି ରହିଛି । ତେଣୁ ବ୍ୟବସ୍ଥା ବିଭାଗ ଆଗମନକାରୀଙ୍କୁ ସମସ୍ତ ପ୍ରକାରର ଆରାମ ଓ ସୁବିଧା ଯୋଗାଇ ଦେବା ପାଇଁ ପୂର୍ଣ୍ଣ ପ୍ରୟାସ କରିଥାଏ ଏବଂ ଏହି ଉଦ୍ଦେଶ୍ୟ ପୂରଣ ନିମନ୍ତେ ଏହି ଦିନମାନଙ୍କରେ ବିଭିନ୍ନ ବିଭାଗ ଗଠନ କରାଯାଇଛି । ସହସ୍ର ସ୍ୱେଚ୍ଛାସେବୀ କର୍ମୀ ହଜରତ ମସିହ ମଉଦ ଅ.ସଙ୍କ ଅତିଥିମାନଙ୍କ ସେବା ସତ୍କାର କରିବା ପାଇଁ ନିଜ ସେବା ସମ୍ପାଦନ କରିଥାନ୍ତି ।

ଏହି ପରିପ୍ରେକ୍ଷୀରେ ସର୍ବପ୍ରଥମେ ମୁଁ ସମସ୍ତ କର୍ମୀମାନଙ୍କର ଧ୍ୟାନ ଆକର୍ଷିତ କରିବାକୁ ଚାହୁଁଛି ଯେ, ସେମାନେ ନିଜ ନିଜର ସେବା ଉତ୍ତମ ରୂପେ ସମ୍ପନ୍ନ କରିବାକୁ ପ୍ରୟାସ କରିବେ । ଜଲ୍‌ସାର ଅତିଥିମାନଙ୍କୁ ହଜରତ ମସିହ ମଉଦ ଅ.ସଙ୍କ ଅତିଥି ମଣି ତାଙ୍କର ସେବା ସତ୍କାର କରିବେ । ଯଦି ଆପଣମାନଙ୍କ ଚିନ୍ତାଧାରା ଅନୁଯାୟୀ ଅତିଥିମାନଙ୍କ ତରଫରୁ ଆପଣମାନଙ୍କୁ କୌଣସି କଷ୍ଟ (ଦୌରାତ୍ମ୍ୟ) ମଧ୍ୟ ପହଁଞ୍ଚେ ତେବେ ତାହାକୁ ଅଣଦେଖା କରିବେ । ଅଲ୍ଲାଃତାଲାଙ୍କ କୃପାରୁ ପ୍ରତ୍ୟେକ ଦେଶରେ ଅତିଥି ସତ୍କାର ଓ ଉତ୍ତମ ଆଚରଣ ପ୍ରଦର୍ଶନ କରିବା ଜମାଅତ ଅହେମଦିୟାର ଏକ ବିଶେଷ ସୁଗୁଣ ପାଲଟି ଯାଇଛି । ହଜରତ ମସିହ ମଉଦଅ.ସ କୁହନ୍ତି; ଅତିଥିର ହୃଦୟ ଦର୍ପଣ ସଦୃଶ ଏବଂ ଭାବତ୍ମକ ହୋଇଥାଏ ତେଣୁ ସେଥିପ୍ରତି ଯତ୍ନଶୀଳ ହେବା ଉଚିତ୍ । ଏଠାକୁ ଆସୁଥିବା ଅଧିକାଂଶ ଅହେମଦି ତ ଏକଥା ଖୁବ୍ ଭଲ ଭାବରେ ହୃଦୟଙ୍ଗମ କରି ଆସିଥାନ୍ତି ଯେ, (ଏପରି ଜନବହୁଳ ପରିବେଶରେ) କିଛି କଷ୍ଟ ଓ ଅସୁବିଧା ମଧ୍ୟ ସହ୍ୟ କରିବାକୁ ପଡ଼ିବ । ତେବେ କେତେକ ଅତିଥି ଯେ ଏଯାବତ୍ ଜମାଅତରେ ସାମିଲ ହୋଇ ନାହାନ୍ତି ସେମାନଙ୍କର ତ ନିଃସନ୍ଦେହ ରୂପେ ବିଶେଷ ଖିଆଲ ରଖିବାକୁ

ପଡ଼ିଥାଏ । ସମସ୍ତ ବିଭାଗ ସେ ଟ୍ରାଫିକ୍ ବ୍ୟବସ୍ଥା ହେଉ, ପାରକିଙ୍ଗ୍‌ର ଡ଼ିଉଟି ହେଉ, ଭୋଜନ କରେଇବାର ଡ଼ିଉଟି ହେଉ, ଶୃଙ୍ଗଳା ରକ୍ଷା କରେଇବା, ସୁରକ୍ଷା ବ୍ୟବସ୍ଥା ଡ଼ିଉଟି, ପରିସ୍କାର ରଖିବା ଓ ଜଳ ଯୋଗାଣ ଡ଼ିଉଟି ହେଉ ତେବେ ଯେ କୌଣସି ବିଭାଗରେ ଡ଼ିଉଟି ହେଉ ନା କାହିଁକି ଚେଷ୍ଟା କରିବେ ଯେପର୍ଯ୍ୟନ୍ତ ସମ୍ଭବ ଅତିଥିମାନଙ୍କୁ ସୁବିଧା ଉପଲବ୍ଧ କରାଇବେ ଏବଂ ସେମାନଙ୍କୁ କୌଣସି ପ୍ରକାରର ଯେପରି କଷ୍ଟ ନପହଁଞ୍ଚେ ।

ଅତିଥିମାନଙ୍କୁ ମୁଁ କହିବାକୁ ଚାହେଁ ଯେ, ଆପଣମାନେ ଏକ ସତ୍ ଉଦ୍ଦେଶ୍ୟରେ, ଯୁଗାବତାର ହଜରତ ମସିହ ମଉଦ ଅ.ସଙ୍କ ଅତିଥି ହୋଇ ଏଠାକୁ ଆସିଛନ୍ତି । ସାଂସାରିକ ଯଶ, ମାନସମ୍ମାନ ଓ ପାର୍ଥିବ ଭୋଗବିଳାସ ପରିବର୍ତ୍ତେ ସେହି ମହାନ ଚରିତ୍ର ଲଭିବାକୁ ଉଦ୍ୟମ କରନ୍ତୁ ଯାହାକି ଜଣେ ପ୍ରକୃତ ମୁସଲମାନର ସ୍ୱତନ୍ତ୍ର ଚିହ୍ନ ଅଟେ । ପରମେଶ୍ୱରଙ୍କ ସକାଶେ ଯାତ୍ରାକାରୀ ସାଂସାରିକ ସୁଖସୁବିଧା ଓ ଆରାମ ପ୍ରତି ଖୁବ୍ କମ୍ ଧ୍ୟାନ ଦେଇଥାନ୍ତି । **କେତେକ ସମୟରେ ବ୍ୟବସ୍ଥାରେ ଦୋଷତ୍ରୁଟି ପରିଲକ୍ଷିତ ହୋଇଥାଏ କିନ୍ତୁ ତାହାକୁ ଅଣଦେଖା କରିବା ଉଚିତ୍ ।** ଯଦି ପ୍ରତ୍ୟେକ ଆଗମନକାରୀ ଅହେମଦି ଏହି ଚିନ୍ତାଧାରା ପୋଷଣ କରନ୍ତି ଯେ, ଆମର ଅସଲ ଉଦ୍ଦେଶ୍ୟ ଆଧ୍ୟାତ୍ମିକ ଦ୍ରବ୍ୟ ହାସଲ କରିବା ଅଟେ । ତେବେ ଉଭୟ ଅତିଥି ଓ ସେବକ ପ୍ରେମ ଏବଂ ସ୍ନେହ ଆଦରରେ ଏହି ଦିନଗୁଡ଼ିକ ଅତିବାହିତ କରିବେ ।

ବ୍ୟବସ୍ଥା ବିଭାଗ ପୂର୍ଣ୍ଣ ପ୍ରୟାସ କରିଥାନ୍ତି ଯେ, ଆଗମନକାରୀ ପ୍ରତ୍ୟେକ ଅତିଥିମାନଙ୍କ ସହିତ ସମାନ ଆଚରଣ (ସୁବିଧା ପ୍ରଦାନ) କରାଯାଉ କିନ୍ତୁ ତଥାପି କେତେକ ସମୟରେ ଊଣାଅଧିକ ହୋଇଯାଇଥାଏ । ତେଣୁ ଏସବୁକୁ ଅତିଥିମାନେ ଅଣଦେଖା କରିବା ଉଚିତ୍ । ହଜରତ ମସିହ ମଉଦଅ.ସ ଅତିଥିମାନଙ୍କର ବହୁତ ଆଦର ସମ୍ମାନ କରୁଥିଲେ । କିନ୍ତୁ ଅତିଥିମାନଙ୍କୁ ଏହା ମଧ୍ୟ କହୁଥିଲେ ଯେ, ନିଜ ଆବଶ୍ୟକତା ନିଃସଙ୍କୋଚ ଭାବରେ କହିଦିଅନ୍ତୁ । କିନ୍ତୁ ଏହା ସାଧାରଣ ଦିନମାନଙ୍କର କଥା ଥିଲା । ଜଲ୍‌ସା ସାଲାନାରେ ଯୋଗ ଦେଉଥିବା ଅତିଥିମାନଙ୍କୁ ଆପଣଅ.ସ କହୁଥିଲେ; ଏହି ଅବସରରେ ପ୍ରତ୍ୟେକ ଅତିଥିମାନଙ୍କ ପାଇଁ ଏକପ୍ରକାର ଅତିଥି ସତ୍କାରର ଆୟୋଜନ କରାଯିବ, ଯାହାକି ଏକ ବ୍ୟବସ୍ଥା ଅନ୍ତର୍ଗତ ହେବ । ହୁଜୁରଅ.ସ ଅତିଥିମାନଙ୍କୁ ଏକଥା ମଧ୍ୟ ହୃଦୟଙ୍ଗମ କରାଉ ଥିଲେ ଯେ, **ତୁମମାନଙ୍କର ଏଠାକୁ ଆସିବାର ଅସଲ ଉଦ୍ଦେଶ୍ୟ ଧର୍ମ ଶିଖିବା, ନିଜ ମନମସ୍ତିଷ୍କକୁ ପବିତ୍ର କରିବା ଏବଂ ଅଲ୍ଲାଃଙ୍କ ନିକଟବର୍ତ୍ତୀ ହେବାକୁ ପ୍ରଚେଷ୍ଟା କରିବା ଅଟେ ।** ସୁତରାଂ ଏହି ଲକ୍ଷପ୍ରାପ୍ତି ନିମନ୍ତେ ଆପଣମାନେ ପ୍ରତିବର୍ଷ ଏଠାରେ ଏକତ୍ରିତ ହେଉଛନ୍ତି । ଜଲ୍‌ସା ସ୍ଥଳୀରେ ବସି ଜଲ୍‌ସାର କାର୍ଯ୍ୟକ୍ରମ ଓ ତକରିର୍ ଧ୍ୟାନ ପୂର୍ବକ ଶୁଣିବା ତଥା ସେଥିରୁ ଉପକୃତ ହେବାକୁ ଚେଷ୍ଟା କରନ୍ତୁ ।

ହଜରତ ମସିହ ମଉଦ ଅ.ସଙ୍କୁ ଅଲ୍ଲାଃତାଲା ନିଜ ଅନୁଗ୍ରହ ପୂର୍ବକ ସେହି ଜମାଅତ ପ୍ରଦାନ କରିଛନ୍ତି ଯେ, ଦେଶ ଓ ସମ୍ପ୍ରଦାୟର ସୀମାନ୍ତ ଲଙ୍ଘି (ଅତିକ୍ରମ) କରିଯାଇଛି ଏବଂ ଏକ ଭାତୃଭାବର ମହାନ ଓ ପବିତ୍ର ସମ୍ପର୍କର ଭିତ୍ତି ସ୍ଥାପନ କରିଦେଇଛି । ଆପଣଅ.ସ ଜଲ୍‌ସାର ଆଉ ଏକ ମହତ ଉଦ୍ଦେଶ୍ୟ ଦର୍ଶାଇଛନ୍ତି ଯେ, ଏତଦ୍ ଦ୍ୱାରା ଜମାଅତର ସଦସ୍ୟବୃନ୍ଦଙ୍କ ମଧ୍ୟରେ ପାରସ୍ପରିକ ଭାତୃଭାବର ସମ୍ପର୍କ ସୁଦୃଢ଼ ହୋଇଥାଏ । ଏଥିପାଇଁ ଜରୁରୀ ଯେ, ପରସ୍ପର ସହିତ ସାକ୍ଷାତ କରନ୍ତୁ କିନ୍ତୁ ଜଣେ ବିଶ୍ୱାସକାରୀ ନିମନ୍ତେ ନିଜ ସମୟର ସଦୁପଯୋଗ କରିବା ଅନିର୍ବାର୍ଯ୍ୟ । ଏଥିପାଇଁ ଜଲ୍‌ସାର ସମ୍ପୂର୍ଣ୍ଣ ଦିନର କାର୍ଯ୍ୟକ୍ରମ ଶୁଣିବା ପରେ ଯଦି ଅବସର ମିଳେ ତେବେ ପରସ୍ପର ସହିତ ମିଳିବସି ଭାବ ବିନିମୟ କରନ୍ତୁ ଏବଂ ଆନନ୍ଦପ୍ରମୋଦ ହୁଅନ୍ତୁ, ପାରସ୍ପରିକ ସମ୍ପର୍କକୁ ମଜବୁତ କରନ୍ତୁ । **କିନ୍ତୁ ଏଥିରେ ଏତେ ମଜି ନଯାନ୍ତୁ ଯେ, ସମୟର ଯେପରି କୌଣସି କାଣ୍ଡଜ୍ଞାନ ନରହିବ ।**

ଯେତେବେଳେ ଏତେ ବହୁଳ ସଂଖ୍ୟାରେ ଲୋକେ ଗୋଟିଏ ସ୍ଥାନରେ ରୁଣ୍ଡ ହୋଇଥାନ୍ତି ସେତେବେଳେ କେତେକ ସମୟରେ କିଛି ଅସୁବିଧା ମଧ୍ୟ ହୋଇଯାଇଥାଏ । ସ୍ମରଣ ରହିଥାଉ ଯେ, ପ୍ରକୃତ ବିଶ୍ୱାସକାରୀ କ୍ରୋଧକୁ

ନିଜ ବଶିଭୂତ କରି ରଖିଥାଏ । ସୁତରାଂ ଜଲ୍‌ସା ସାଲାନାର ପବିତ୍ର ପରିବେଶକୁ ନିଜ ସମ୍ମୁଖରେ ରଖନ୍ତୁ ଏବଂ ପରସ୍ପରର ଦୋଷତ୍ରୁଟିକୁ ମାର୍ଜନ କରନ୍ତୁ । ଯଦି କୌଣସି କର୍ମୀ ଦ୍ୱାରା କିଛି ତ୍ରୁଟି ସାଧିତ ହୋଇଯାଏ ତେବେ ସୁଦ୍ଧା ବିରକ୍ତି ଭାବ ପ୍ରକାଶ କରିବା ପରିବର୍ତ୍ତେ ନିଜ (ସୁନ୍ଦର) ସହନଶୀଳତା ଓ ଧୈର୍ଯ୍ୟରକ୍ଷା କରିବା ତଥା ନିଜ କ୍ଷମା କରିଦେବା (ଆଚରଣ) ପ୍ରଦର୍ଶନ କରିବା ଉଚିତ୍ । ଯଦି (ଆମମାନଙ୍କ ମଧ୍ୟରେ) ଏପରି ଅତୁଳନୀୟ ସହନଶୀଳ ଭାବ ଉତ୍ପନ୍ନ ହୋଇଯିବ ତେବେ ସମସ୍ତ କଳି ଓ ଅପ୍ରୀତିକର ଘଟଣାର ଅନ୍ତ ଘଟିଯିବ । ଅତଏବ ଅତିଥି ଓ ଡ଼ିଉଟି ଦେଉଥିବା କର୍ମୀ ଉଭୟଙ୍କୁ ମୁଁ କହୁଅଛି ଯେ, **ସେମାନଙ୍କର ଏହା ପରମ କର୍ତ୍ତବ୍ୟ କି ନିଜ ଅସାଧାରଣ ସହନଶୀଳତାର ନମୁନା ପ୍ରଦର୍ଶନ କରନ୍ତୁ ।**

ହଜରତ ମସିହ ମଉଦ [ଅ.ସ]ଙ୍କ ଅଭିଳାଷ (ଉଚ୍ଛାକାଂକ୍ଷା) ଅନୁଯାୟୀ ଚେଷ୍ଟା କରନ୍ତୁ ଯେ, ପାରସ୍ପରିକ ଭାତୃଭାବର ସୁନ୍ଦର ନମୁନା ନିରୂପଣ କରିବେ । କାରଣ ଏହା ହିଁ ଅଲ୍ଲାଃତାଲା ବିଶ୍ୱାସକାରୀଙ୍କ ସକାଶେ ଦର୍ଶାଇଛନ୍ତି । ଅତଃ ଛୋଟ ଛୋଟ ପ୍ରସଙ୍ଗକୁ କେନ୍ଦ୍ର କରି ଦ୍ୱନ୍ଦରେ ପତିତ ହେବା ପରିବର୍ତ୍ତେ ନିଜ ଜୀବନର ମୂଳ ଉଦ୍ଦେଶ୍ୟ ପ୍ରାପ୍ତ କରିବାକୁ ଚେଷ୍ଟା କରନ୍ତୁ । ଯାହାକି ରୁକୁ (ଆନତ ହେବା), ସଜ୍‌ଦା (ଭୂମିଷ୍ଠ ପ୍ରଣିପାତ) ଓ ଉପାସନା ତଥା ପ୍ରଭୁଙ୍କ ନାମ ଜପ କରିବା ଦ୍ୱାରା ହାସଲ ହୋଇଥାଏ । **ପ୍ରତ୍ୟେକ ଅତିଥିଗଣ ଯେଉଁମାନେ ଏଠାକୁ ଆସିଛନ୍ତି ନିଜ ଯାତ୍ରାକୁ କେବଳ ଅଲ୍ଲାଃଙ୍କ ସାନିଧ ଲାଭ କରିବାରେ (ଉତ୍ସର୍ଗ) କରିଦିଅନ୍ତୁ ।** ଅତିଥି ଓ କର୍ମୀ ସମସ୍ତେ ସ୍ମରଣ ରଖନ୍ତୁ ଯେ, କେତେକ ଅଣଅହେମଦି ଓ ଅଣ ମୁସଲମାନମାନେ ମଧ୍ୟ ଏଠାକୁ ଆସିଛନ୍ତି । ଯଦି ଆପଣମାନେ ଉତ୍ତମ ନମୁନା ପ୍ରଦର୍ଶନ କରିବେ ତେବେ ତାହା ଆପଣଙ୍କର ଏକ ନିରବ ଧର୍ମପ୍ରଚାର (କରିବା) ହେବ ଏବଂ ତାହା ଅନ୍ୟମାନଙ୍କ ଉପରେ ସୁପ୍ରଭାବ ପକାଇବ । ଆଉ ସେମାନଙ୍କର ଇସଲାମ ପ୍ରତି ଧ୍ୟାନ କେନ୍ଦ୍ରିତ ହେବ ଏବଂ ଏପରି ସେମାନେ ଇସଲାମର ସୁନ୍ଦର ଶିକ୍ଷା ଦ୍ୱାରା ପ୍ରଭାବିତ ହୋଇଥାନ୍ତି । ଆଉ ଏକ ଜରୁରୀ ପ୍ରସଙ୍ଗ ଏହିକି ଯେ, ଏଠାକୁ ଆସୁଥିବା ଅତିଥିମାନେ ପରସ୍ପରକୁ ସଲାମ୍ କରିବାକୁ ଅଧିକରୁ ଅଧିକ ପ୍ରାଧାନ୍ୟ ଦିଅନ୍ତୁ । ଏହା ଅତି ବରକତ୍ (କଲ୍ୟାଣ) ପୂର୍ଣ୍ଣ ଦୁଆ ଯାହାକି ଆମମାନଙ୍କୁ ଶିଖା ଯାଇଛି । ଯେତେବେଳେ ଅତିଥି ଓ ସତ୍କାରକ ପରସ୍ପରକୁ ସଲାମ୍ କରିବା ଦ୍ୱାରା ଯେଉଁସ୍ଥଳେ ସେମାନେ ପରସ୍ପର ଠାରୁ ସମସ୍ତ ପ୍ରକାର ଭୟ ଓ ଚିନ୍ତାରୁ ମୁକ୍ତି ଲାଭ କରିଥାନ୍ତି ସେହିସ୍ଥଳେ ଏହି ଦୁଆ ଦ୍ୱାରା ଉଭୟେ ଉପକୃତ ହୋଇଥାନ୍ତି । ସୁତରାଂ ଏହି ଦିନମାନଙ୍କରେ ଏଥିପ୍ରତି ବିଶେଷ ଧ୍ୟାନ ଦେବା ଉଚିତ୍ ଯେ, ଆମେ ପ୍ରତ୍ୟେକ ପାର୍ଶ୍ୱରେ ଶାନ୍ତି, ସୁରକ୍ଷା, ପ୍ରେମ ଓ ଭଲପାଇବାକୁ ପରିବ୍ୟାପ୍ତକାରୀ ପାଲଟି ଯାଉ ଏବଂ ଏହି ପରିବେଶ କେବଳ ଅଲ୍ଲାଃଙ୍କ ଖାତିର୍ ପ୍ରେମ ଓ ଭାତୃଭାବ ପୂର୍ଣ୍ଣ ପରିବେଶ ଉତ୍ପନ୍ନ କରିବା ସକାଶେ ଉଦ୍ଦିଷ୍ଟ । ଆମମାନଙ୍କୁ ପ୍ରୟାସ କରିବାକୁ ହେବ ଯେ, ପ୍ରତ୍ୟେକ ପ୍ରକାରର କାମନାରୁ ନିଜକୁ ପବିତ୍ର କରିବା । ଏହି ଦିନମାନଙ୍କରେ ନିଜ ଭିତରେ ଏକ ବିପ୍ଳବ ଆଣିବାକୁ ଚେଷ୍ଟା କରିବା । ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] କହିଲେ; ସଲାମ୍ **କରିବାକୁ ପ୍ରାଧାନ୍ୟ ଦିଅ ଏବଂ ଏଥିସକାଶେ ଆବଶ୍ୟକ କି ତୁମେ କାହାରିକୁ ଚିହ୍ନ ଅବା ନଚିହ୍ନ ତଥାପି ତାଙ୍କୁ** ସଲାମ୍ **କର ।**

ଏଠାରେ ଆପଣମାନଙ୍କୁ ହଜରତ ମସିହ ମଉଦ [ଅ.ସ]ଙ୍କର ଏକ (ଶିକ୍ଷଣୀୟ) ଘଟଣା ଶୁଣାଇ ଦେଉଛି । ମୁସଲମାନ ଓ ଖ୍ରୀଷ୍ଟଧର୍ମୀଙ୍କ ମଧ୍ୟରେ ଜଙ୍ଗେ ମୁକଦ୍ଦସ୍ (ପବିତ୍ର ଯୁଦ୍ଧ) ନାମରେ ଏକ ଧର୍ମତର୍କର କାର୍ଯ୍ୟକ୍ରମ (ଅମୃତସର)ରେ ରଖାଯାଇ ଥିଲା । ସେଥିରେ ଯୋଗ ଦେବା ପାଇଁ ହୁଜୁର[ଅ.ସ] ଯେଉଁସ୍ଥଳେ ଅବସ୍ଥାନ କରିଥିଲେ ସେଠାରେ ବହୁଳ ସଂଖ୍ୟାରେ ଅତିଥି ଉପସ୍ଥିତ ହୋଇଯିବା ଯୋଗୁଁ କର୍ମୀମାନେ ଆପଣ [ଅ.ସ]ଙ୍କ ନିମନ୍ତେ ଖାଇବା ରଖିବା ଭୁଲିଗଲେ । ରାତ୍ରିର ଗୋଟିଏ ପ୍ରହର ଶେଷ ହୋଇଗଲା ଏବଂ ଅନେକ ସମୟ ଅପେକ୍ଷା କରିବା

ପରେ ଯେତେବେଳେ ହୁଜୁର[ଅ.ସ] ନିଜ ଭୋଜନ ସଂକ୍ରାନ୍ତରେ ପଚାରିଲେ ସେତେବେଳେ ବ୍ୟବସ୍ଥାକାରୀଙ୍କୁ ଭାଳେଣୀ ପଡ଼ିଲା ଯେ, ଏବେ ତ ବହୁଳ ବିଳମ୍ବ ହୋଇଗଲାଣି ଖାଦ୍ୟ ମଧ୍ୟ ସରି ଯାଇଛି ଏବଂ ବଜାର ମଧ୍ୟ ବନ୍ଦ ହୋଇଗଲାଣି । ଯେତେବେଳେ ହୁଜୁର [ଅ.ସ]ଙ୍କୁ ଏହାର ଖବର ମିଳିଲା ସେତେବେଳେ ଆପଣ[ଅ.ସ] କହିଲେ; ଏପରି ଘାବରାଇବାର ଓ ବ୍ୟତିବ୍ୟସ୍ତ ହେବାର ଆବଶ୍ୟକତା କ'ଣ ଅଛି ? ଖାଇବା ସ୍ଥାନରେ ଦେଖ କିଛି ଖାଦ୍ୟ ବଞ୍ଚି ଯାଇଥିବ ତାହାକୁ ନେଇଆସ । ଯେତେବେଳେ ସେହିସ୍ଥାନ ଦେଖାଗଲା, ସେଠାରେ ମାତ୍ର କିଛି ରୋଟି ଟୁକୁରା ବ୍ୟତୀତ ଅନ୍ୟ କିଛି ନଥିଲା, ନା କୌଣସି ବ୍ୟଞ୍ଜନ ବଞ୍ଚି ଥିଲା । ହୁଜୁର[ଅ.ସ] କହିଲେ; **ଆମ ପାଇଁ ଏହା ହିଁ ଯଥେଷ୍ଟ ଏବଂ ଆପଣ ତାହା ହିଁ ସେବନ କରିନେଲେ ।** ଏହା ଇସଲାମର ପ୍ରତିଷ୍ଠାତା ହଜରତ ମୁହମ୍ମଦ [ସ.ଅ]ଙ୍କର ସର୍ବଶ୍ରେଷ୍ଠ ପ୍ରେମୀ ଓ ଆପଣ [ସ.ଅ]ଙ୍କ ସୁନ୍ନତର ପାଳନକାରୀ ହଜରତ ମସିହ ମଉଦ [ଅ.ସ]ଙ୍କର ନମୁନା ଥିଲା । ସୁତରାଂ ଆମମାନେ ଯେ ଆପଣ [ଅ.ସ]ଙ୍କ ଜମାଅତରେ ଅନ୍ତର୍ଭୁକ୍ତ ହେବାର ଦାବି କରୁଛେ- ଧୈର୍ଯ୍ୟ, ସହନଶୀଳ, କୃତଜ୍ଞତା ଜ୍ଞାପନ କରିବା ଓ ଅନ୍ୟର ଭାବନାର ଖିଆଲ ରଖିବାର ଅପୂର୍ବ ନମୁନା ପ୍ରଦର୍ଶନ କରିବା ଉଚିତ୍ ।

ମୁଁ ଏଥିପ୍ରତି ଧ୍ୟାନ ଆକର୍ଷିତ କରିବାକୁ ଚାହୁଁଛି ଯେ, ଏହି ଦିନମାନଙ୍କରେ ବିଭିନ୍ନ କିସମର ପ୍ରଦର୍ଶନୀ ଲଗାଯାଇଛି । ଚଳିତ ବର୍ଷ ହଜରତ ମୁସଲେହ ମଉଦ[ର.ଅ] କରିଥିବା (ପ୍ରଥମ) ୟୁରୋପ ଗସ୍ତକୁ ଶହେ ବର୍ଷ ପୂର୍ତ୍ତି ହେଉଅଛି । ଏଥିପାଇଁ ଇଂଲଣ୍ଡ ଜମାଅତ କେନ୍ଦ୍ରିୟ Archives ବିଭାଗ ସହିତ ମିଳିତ ହୋଇ ବିଭିନ୍ନ ଫଟୋର ଏକ ପ୍ରଦର୍ଶନୀ ଲଗାଇଛନ୍ତି, ତାହା ନିଶ୍ଚୟ ପରିଦର୍ଶନ କରନ୍ତୁ । ଏହିପରି ଅନ୍ୟାନ୍ୟ ପ୍ରଦର୍ଶନୀ ମଧ୍ୟ ଲାଗିଛି ଯାହାକି ଦେଖିବା ଯୋଗ୍ୟ । ଖାଲିବେଳ (ଅବସର)ରେ ଅଯଥା ସମୟ ନଷ୍ଟ କରିବା ପରିବର୍ତ୍ତେ ସେହି ପ୍ରଦର୍ଶନୀଗୁଡ଼ିକର ପରିଭ୍ରମଣ କରିବାକୁ ଚେଷ୍ଟା କରିବେ ।

ଏହି ଦିନମାନଙ୍କରେ ସୁରକ୍ଷା ପ୍ରତି ସର୍ବଦା ସଜାଗ ସତର୍କ ରହିବେ । ସବୁଠାରୁ ବଳିଷ୍ଠ ସୁରକ୍ଷା ଏହିକି ଯେ, ଆମେମାନେ ନିଜ ଚର୍ତୁପାର୍ଶ୍ୱ ପ୍ରତି ନଜର ରଖିବା କିନ୍ତୁ ଆମ ନିକଟରେ ଶ୍ରେଷ୍ଠ ଅସ୍ତ୍ର ଅଲ୍ଲାଃତାଲାଙ୍କର ଶରଣ ଭିକ୍ଷା କରିବା ରହିଛି ଏବଂ ତାହାକୁ ଲାଭ କରିବା ନିମନ୍ତେ ଏହି ତିନିଦିନରେ ବିଶେଷ ଭାବରେ ଆମମାନଙ୍କୁ ଦୁଆ କରିବା ଓ ପ୍ରଭୁଙ୍କ ପ୍ରଶଂସାଗାନ କରିବାରେ ଗୁରୁତ୍ୱ ଦେବା ଉଚିତ୍ । ଅଲ୍ଲାଃତାଲା ଆପଣ ସମସ୍ତଙ୍କୁ ଏଥିମୁତାବକ କାର୍ଯ୍ୟକାରୀ କରିବାକୁ ଶକ୍ତି ପ୍ରଦାନ କରନ୍ତୁ ଏବଂ ଏହି ଜଲ୍‌ସା ପ୍ରତ୍ୟେକଙ୍କ ପାଇଁ ମଙ୍ଗଳପ୍ରଦ ସାବ୍ୟସ୍ତ ହେଉ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।